# Akashvani, Sambalpur

## SAMBALPURI NEWS EVENING BULLETIN

**9 April 2025- 7.02 pm- 7.12 pm.**

*********************************************

୧- ରାଜ୍ୟର୍ ଆଇନ୍ ଶୃଙ୍ଖଲା ଆର୍ ଅଲ୍‌ଗା ପ୍ରସଙ୍ଗକେ ନେଇକରି ମୁଖ୍ୟମନ୍ତ୍ରୀ - ସ୍ୱରାଷ୍ଟ୍ରମନ୍ତ୍ରୀଙ୍କର୍ ସାଙ୍ଗେ କଲେ ଆଲୋଚନା ।

୨- ରାଏଜେ ଫରେନ୍‌ସିକ୍ ସାଇନ୍ସ ବିଭାଗ୍‌ଥି ସୃଷ୍ଟି କରାଗଲା ୨ ଶହ ୪୭ ଟା ପଦ୍‌ବୀ ।

୩- ଓଡ଼ିଆ ପକ୍ଷ ପାଲନ୍‌ର ୯ ନମ୍ବର୍ ଦିନେ ଆଏଜ୍ ପାଲନ୍ ହେଲା 'ଆସ ବହି ଗୁଟେ ଘିନ୍‌ମା' କାର୍ଯ୍ୟକ୍ରମ୍ ।

ଆଉର୍

୪- ବଙ୍ଗୋପ୍‌ସାଗର୍ ନ ହେଇଥିବା ଲଘୁଚାପ୍ ବଲେ ରାଜ୍ୟର୍ ଭିନ୍ ଭିନ୍ ଇଲାକା ନ ଘଡ୍‌ଘଡ଼ି ସାଙ୍ଗେ ହେଇପାରେ ବର୍ଷା ।

ମୁଖ୍ୟମନ୍ତ୍ରୀ-ସ୍ୱରାଷ୍ଟ୍ରମନ୍ତ୍ରୀ ଆର୍‌ଏନ୍‌ୟୁ/ ସମ୍ବଲପୁର

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଏଜ୍ ଉପର୍‌ବେଲା ନୂଆଦିଲ୍ଲୀ ନର୍ଥ ବ୍ଲକ୍‌ଠାନେ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହାଙ୍କୁ ଭେଟିଛନ୍ । ରାଜ୍ୟର ଆଇନ୍‌ଶୃଙ୍ଖଳା ଥିତି, ପୁଲିସ୍ ବିଭାଗ୍‌ଥି ନିଯୁକ୍ତି, ସ୍ପେଶାଲ୍ ଫୋର୍ସ ଗଠନ୍, ସାଇବର୍ ଥାନା, ଟ୍ରାଫିକ୍ ବ୍ୟବସ୍ଥା, ନକ୍ସଲ୍ ସମସ୍ୟା ବାଗିର୍ ପ୍ରସଙ୍ଗଥି ଶ୍ରୀ ମାଝୀ ସ୍ୱରାଷ୍ଟ୍ର ମନ୍ତ୍ରୀଙ୍କର ସଙ୍ଗେ ଆଲୋଚନା କରିଛନ୍ । ପୁଲିସ୍ ବାହିନୀକେ ବର୍‌କସ୍ କର୍‌ବାର୍ ଲାଗି ରାଜ୍ୟ ସର୍‌କାର୍‌ଙ୍କର୍ ତର୍‌ଫୁ ଦିଆଯାଇଥିବା ପ୍ରସ୍ତାବ୍ ମାନ୍‌କୁ କାର୍ଯ୍ୟକାରୀ କର୍‌ବାର୍ ଲାଗି ସ୍ୱରାଷ୍ଟ୍ରମନ୍ତ୍ରୀ ସହମତି ଦେଇଥିବା ମୁଖ୍ୟମନ୍ତ୍ରୀ କହିଛନ୍ ।

(ଭଏସ୍ ଓଭର୍-ମୁଖ୍ୟମନ୍ତ୍ରୀ)

ମୁଖ୍ୟମନ୍ତ୍ରୀଙ୍କର୍ ସାଙ୍ଗେ ରାଜ୍ୟ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ଆଉ ପୁଲିସ ମହାନିର୍ଦ୍ଦେଶକ ଯୋଗେଶ୍ ବାହାଦୂର ଖୁରାନିଆ ଭିଲ୍ ସ୍ୱରାଷ୍ଟ୍ରମନ୍ତ୍ରୀଙ୍କୁ ଭେଟିକରି ଆଲୋଚନା କରିଛନ୍ ।

ପ୍ରଧାନମନ୍ତ୍ରୀ କୃଷି ସିଂଚାଇ ଆର୍‌ଏନ୍‌ୟୁ/ସମ୍ବଲପୁର/ଏକ୍ସ

କେନ୍ଦ୍ର ସରକାର ପ୍ରଧାନମନ୍ତ୍ରୀ କୃଷି ସିଂଚାଇ ଯୋଜ୍‌ନା ଅଧିନ୍‌ଥି କମାଣ୍ଡ କ୍ଷେତ୍ର ବିକାଶ ଆଉ ପାନିର୍ ପରିଚାଲ୍‌ନା (ଏମ୍-ସିଡିଡବ୍ଲ୍ୟୁଏମ୍) ନାଁଥି ଗୁଟେ ଉପ-ଯୋଜ୍‌ନା ଆନିଛନ୍ । ୨୦୨୫-୨୬ ଆର୍ଥିକ ବଛର୍ ଲାଗି ଇ ଉପ-ଯୋଜ୍‌ନାଥି

ସରକାର ୧୬ ହଜାର କୋଟି ଟଙ୍କା ଖର୍ଚ୍ଚା ବରାଦ୍ କରିଛନ୍ । କେନ୍ଦ୍ର କେବିନେଟ୍ ବୈଠକ୍‌ରୁ ଆଏଜ୍ ଇ ଖର୍ଚ୍ଚା ଦାବିକେ ମଞ୍ଜୁରୀ ମିଲିଛେ ବଲି କେନ୍ଦ୍ର ସୂଚ୍‌ନା ପ୍ରସାରଣ ମନ୍ତ୍ରୀ ଅଶ୍ୱିନୀ ବୈଠବ୍ ସୂଚ୍‌ନା ଦେଇଛନ୍ ।

ଫରେନ୍‌ସିକ୍ ସାଇନ୍ସ ବିଭାଗ-ପଦ୍‌ବୀ ଆର୍‌ଏନ୍‌ୟୁ/ କଟକ୍

ରାଏଜେ ଫରେନ୍‌ସିକ୍ ସାଇନ୍ସ ବିଭାଗ୍‌ରୁ ସର୍‌କାର୍ ନୂଆଁକରି ୨ ଶହ ୪୭ ଟା ପଦ୍‌ବୀ ସୃଷ୍ଟି କରିଛନ୍ । ଗୃହ ବିଭାଗ୍ ତର୍‌ଫୁ ଇ ବାବ୍‌ଦେ ଏକାଉଂଟାଂଟ୍ ଜେନେରାଲ୍‌ଙ୍କୁ ଚିଠି ମାଧ୍ୟମ୍‌ରୁ ଜନେଇ ଦିଆଯାଇଛେ । ୨ ଶହ ୪୭ ଟା ପଦ୍‌ବୀ ଭିତ୍‌ରୁ ଗୁଟେ ଯୁଗ୍ମ ନିର୍ଦ୍ଦେଶକ୍, ୨ ଟା ଉପନିର୍ଦ୍ଦେଶକ୍, ୨୦ ଟା ଅତିରିକ୍ତ ନିର୍ଦ୍ଦେଶକ୍ ୬୫ ଟା ବରିଷ୍ଠ ପରୀକ୍ଷଣ୍ ଅଧିକାରୀ, ୭୧ ଟା ପରୀକ୍ଷଣ୍ ଅଧିକାରୀ, ୨୧ ଟା ବରିଷ୍ଠ ଫରେନ୍‌ସିକ୍ ସହାୟକ ଆଉ ୬୭ ଟା କନିଷ୍ଠ ଫରେନ୍‌ସିକ୍ ସହାୟକ ପଦ୍‌ବୀ ରହିଛେ ବଲି ଚିଠିରୁ ଉଲ୍ଲେଖ କରାଯାଇଛେ । ଓଆର୍‌ବି ନିୟମ୍ ଅନ୍‌ସାରେ ସର୍‌କାର୍‌ଙ୍କର୍ ନିଯୁକ୍ତି ପ୍ରକ୍ରିୟା ଜରିଏ ଇ ସବୁ ପଦ୍‌ବୀ ପୂରଣ୍ କରାଯିବା ବଲି ଗୃହ ବିଭାଗ୍ ତର୍‌ଫୁ ଜନାପଡ଼ିଛେ ।

ଆର୍‌ବିଆଇ ପଲିସି ଆର୍‌ଏନ୍‌ୟୁ/ କଟକ୍

ଭାରତୀୟ ରିଜର୍ଭ ବେଙ୍କ୍-ଆର୍‌ବିଆଇ ରେପେରେଟ୍‌ଥି ୨୫ ବେସିସ୍ ପଏଂଟ୍ କମ୍ କରିଛେ । ଯେନ୍‌ଥିର୍ ଲାଗି ଇହାଦେ ଇଟା ୬ ପ୍ରତିଶତ୍‌ଥି ପୁହୁଁଚିଛେ । ଲଗାତାର୍ ୨ ନମ୍ବର୍ ଥର୍ ଲାଗି ଇ ବେସିସ୍ ପଂଏଟ୍ କମ୍ କରାଯାଇଛେ । ମୁମ୍ବାଇ ଠାନେ ରିଜର୍ଭ ବେଙ୍କ୍ ଗଭର୍ଣ୍ଣର୍ ସଞ୍ଜୟ ମଲ୍‌ହୋତ୍ରା ଇ ବାବ୍‌ଦେ ଘୋଷ୍‌ନା କରିକରି କହିଛନ୍, ଚଲ୍‌ତି ଆର୍ଥିକ୍ ବଛ୍‌ରେ ପହେଲା ମୁଦ୍ରା ନୀତି ବୈଠକ୍‌ଥି ଇ ନିଷ୍ପତି ନିଆଯାଇଛେ । ଯେନ୍‌ଥିର୍‌ଲାଗି ଆଏବା ଦିନେ ଘର୍ ଆଉ ଗାଡ଼ି ଋଣର ଇଏମ୍‌ଆଇ କମ୍‌ବା । ଇ ଆର୍ଥିକ୍ ବଛ୍‌ରେ ଖୁଚୁରା ମୁଦ୍ରା ସ୍ଫିତି ୪ ପ୍ରତିଶତ୍ ରହେବା ବଲି ଭିଲ୍ ଆକଲନ୍ କରାଯାଇଛେ । ସୋମ୍‌ବାର୍‌ଠାନୁ ମୁମ୍ବାଇ ନ ମୁଲ୍ ହେଇଥିବା ୩ ଦିନିଆ ରିଜର୍ଭ ବେଙ୍କ୍ ମୁଦ୍ରା ନୀତି ବୈଠକ୍ ଆଏଜ୍ ଶେଷ୍ ହେଇଛେ ।

ଆର୍‌ଆର୍‌ବି ଏକତ୍ରୀକରଣ୍ ଆର୍‌ଏନ୍‌ୟୁ/ ସମ୍ବଲପୁର

ଆଏବା ମେ ମାସ ୧ ତାରିଖ୍‌ନୁ ଗୁଟେ ରାଷ୍ଟ୍ର- ଗୁଟେ ଆଂଚଲିକ୍ ଗ୍ରାମୀଣ ବେଙ୍କ୍- ଆର୍‌ଆର୍‌ବି କାର୍ଯ୍ୟକାରୀ ହେବା । ଇ ବାବ୍‌ଦେ କେନ୍ଦ୍ର ଅର୍ଥମନ୍ତ୍ରଣାଳୟ ତର୍‌ଫୁ ସୂଚ୍‌ନା ଦିଆଯାଇଛେ । ଇଥି ୧୧ ଟା ରାଜ୍ୟର୍ ୧୫ ଟା

ଆର୍‌ଆର୍‌ବିକେ ଏକତ୍ରୀକରଣ୍ କରାଯିବା । ଆନ୍ଧ୍ରପ୍ରଦେଶ୍‌ର ୪ ଟା, ଉତର୍‌ପ୍ରଦେଶ୍ ଆର୍ ପଶ୍ଚିମବଙ୍ଗର ୩ ଟା ଲେଖା ଆର୍ ଓଡ଼ିଶା, ବିହାର୍, ଗୁଜୁରାଟ୍, ଜମ୍ମୁକାଶ୍ମୀର୍, କର୍ଣ୍ଣାଟକ୍, ମଧ୍ୟପ୍ରଦେଶ୍, ମହାରାଷ୍ଟ୍ର ଆର୍ ରାଜସ୍ଥାନ୍ ନ ଥିବାର୍ ଗୁଟେ ଲେଖା ଆର୍‌ଆର୍‌ବି କେ ମିଶାଯିବା, ବେଙ୍କିଙ୍ଗ୍ କ୍ଷେତ୍ରଥି ସଂସ୍କାର୍ ଆନ୍‌ବାର୍ ଲାଗି କେନ୍ଦ୍ର ସର୍‌କାର୍ ଆଂଚଲିକ୍ ଗ୍ରାମୀଣ୍ ବେଙ୍କ୍ ଆଇନ୍ ୧୯୭୬ ଅନ୍‌ସାରେ କ୍ଷମତା ଦେଖେଇକରି ଗୁଟେ ଗେଜେଟ୍ ବିଜ୍ଞପ୍ତି ଜାରି କରିକରି ଏକାଧିକ୍ ଆର୍‌ଆର୍‌ବିକେ ମିଶାବାର୍ ଲାଗି ଘୋଷ୍‌ନା କରିଛନ୍ । ଇତାର୍‌ଜରିଏ ଇହାଦେ ୪୩ ଟା ଆର୍‌ଆର୍‌ବି କେ ଏକୀକୃତ କରିକରି ୨୮ ଟା ଆର୍‌ଆର୍‌ବି କରାଯିବା ।

ମୁଖ୍ୟ ସୂଚନା କମିଶନର୍-ନିଯକ୍ତି ଭୁବନେଶ୍ୱର୍ ସମ୍ବାଦଦାତା

ଆଘର ପ୍ରଶାସନିକ୍ ଅଧିକାରୀ ମନୋଜ କୁମାର ପରିଡ଼ା ରାଜ୍ୟ ମୁଖ୍ୟ ସୂଚନା କମିଶନର୍ ଭାବେ ନିଯୁକ୍ତି ପାଇଛନ୍ । ସୂଚ୍‌ନା କମିଶନ୍‌ର ସଦସ୍ୟ ଭାବେ ଆଘର ଭାରତୀୟ ପୁଲିସ ସେବା ଅଧିକାରୀ ପ୍ରାଣବିନ୍ଦୁ ଆଚାର୍ଯ୍ୟ, ଓଡ଼ିଶା ଉଚ୍ଚ ନ୍ୟାୟାଳୟର୍ ଆଇନଜୀବୀ କଳ୍ପନା ପଟ୍ଟନାୟକ ଆଉ

ଆଘର ପ୍ରଶାସନିକ୍ ଅଧିକାରୀ ପବିତ୍ର ମଣ୍ଡଳଙ୍କୁ ନିଯୁକ୍ତି ଦିଆଯାଇଛେ । ଇ ବାବ୍‌ଦେ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ତରଫୁ ସୂଚ୍‌ନା ଦିଆଯାଇଛେ ।

ଓଡ଼ିଆ ପକ୍ଷ-ବହିଘିନା

ସୁବର୍ଣ୍ଣପୁର/ ଦେବ୍‌ଗଡ଼୍/ କଲାହାଣ୍ଡି/ ସମ୍ବଲପୁର/ ବୌଦ୍ଧ

ଓଡ଼ିଶା ଦିବସ୍ ପାଲନ୍ ଦିନୁ ରାଜ୍ୟ ସର୍‌କାର୍ ଓଡ଼ିଆ ପକ୍ଷ ପାଲନ୍ କରୁଛନ୍ । ଓଡ଼ିଶାର୍ ସ୍ୱାଭିମାନ୍, ଗୌରବ୍, ପରିଚୟ, କଲା, ସଂସ୍କୃତିକେ ନେଇକରି ଆଏବା ୧୪ ତାରିଖ୍‌ତକ୍ ଫି'ଦିନ ଗୁଟେ ଖାସ୍ ଢଙ୍ଗେ ଇତାକେ ପାଲନ୍ କରାଯାଉଛେ ।

ଓଡ଼ିଆ ପକ୍ଷ ପାଲନ୍‌ର ୯ ନମ୍ବର୍ ଦିନେ ଆଏଜ୍ ରାଏଜେ ଆସ ବହି ଗୁଟେ ଘିନ୍‌ମା କାର୍ଯ୍ୟକ୍ରମ୍ ପାଲନ୍ କରାଯାଇଛେ ।

ଆଝିର୍ ଦିନେ ନିଜେ ବହିଟେ ଘିନ୍‌ବାର୍ ସହେତେ ଅଲ୍‌ଗା ମାନ୍‌କୁ ବହି ଘିନ୍‌ବାର୍ ଲାଗି ସଚେତନ୍ କରେଇକରି ଇ ଅଭିଯାନ୍‌କେ ସଫଲ୍ କର୍‌ବାର୍ ଲାଗି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଆହ୍ୱାନ୍ ଦେଇଛନ୍ । ଲେଖକ୍ ଆଉ ପାଠକ୍ ଦୁହିକର୍ ସମ୍ପର୍କକେ ବର୍‌କସ୍ କର୍‌ବାର୍ ସହେତେ ବହିପଢ଼ାକେ ନେଇକରି ଆଗ୍ରହ ସୃଷ୍ଟି କର୍‌ବାର୍ ଉଦ୍ଦେଶ୍ୟରେ ରାଜ୍ୟର୍ ଭିନ୍ ଭିନ୍ ଜିଲ୍ଲା ନ ଇ ଅଭିଯାନ୍ ପାଲନ୍ କରାଯାଉଛେ ।

ସମ୍ବଲ୍‌ପୁର୍ ଜିଲ୍ଲାର୍ ଧନ୍‌କଉଡ଼ା ନ ଥିବା ଉତ୍କଳ ବାଳାଶ୍ରମ୍‌ଥି ଜିଲ୍ଲା ପ୍ରଶାସନ୍ ତର୍‌ଫୁ ଆସ ବହି ଗୁଟେ ଘିନ୍‌ମା କାର୍ଯ୍ୟକ୍ରମ୍ ହେଇଯାଇଛେ । ଓଡ଼ିଆ ସାହିତ୍ୟ ଲାଗି ଆଦର୍‌କେ ବଢ଼ାବାର୍ ଆଉ ନିଜେ ବହି ଗୁଟେ ଘିନିକରି ଅଲ୍‌ଗା ମାନ୍‌କୁ ଭିଲ୍ ବହି ଘିନ୍‌ବାର୍ ଲାଗି ଉତ୍ସାହିତ୍ କର୍‌ବାର୍‌ଟା ଇ କାର୍ଯ୍ୟକ୍ରମ୍‌ର ମୁଲ୍ ଲକ୍ଷ୍ୟ ଆଏ । ଇ ଅବ୍‌ସରେ ବାଳାଶ୍ରମ୍‌ର ଛୁଆମାନ୍‌କୁ ଗପ, ପ୍ରବନ୍ଧ ଆଉ ଭିନ୍ ଭିନ୍ ବହି ବଂଟାଯାଇଛେ ।

ସୁବର୍ଣ୍ଣପୁର୍ ଜିଲ୍ଲାଥି ଓଡ଼ିଆ ଭାଷା ସାହିତ୍ୟ, ଆଉ ସଂସ୍କୃତି ବିଭାଗ୍ ଆଉର୍ ଜିଲ୍ଲା ପ୍ରଶାସନ୍ ର ମିଳିତ୍ ସହଯୋଗ୍‌ଥି ଇ ଅବ୍‌ସରେ ଭୀମଭୋଇ ଛକ୍‌ଠାନେ ବହୁତ୍ ସଂଖ୍ୟାଥି ବହି ଘିନାଯାଇକରି ପାଠକ୍‌ମାନ୍‌କୁ ବଂଟାଯାଇଛେ ।

ବୌଦ୍ଧ ଜିଲ୍ଲା ସଂଗ୍ରହାଳୟ ଠାନେ ଆସ ବହିଗୁଟେ ଘିନ୍‌ମା କାର୍ଯ୍ୟକ୍ରମ୍ ହେଇଯାଇଛେ । ଜିଲ୍ଲାସ୍ତରୀୟ ଅଧିକାରୀ, କର୍ମଚାରୀ ଆର୍ ଜନସାଧାରଣ୍ ଉପସ୍ଥିତ୍ ରହିକରି ନିଜର୍ ପସନ୍ଦ୍‌ର ଓଡ଼ିଆ ବହି ଘିନିଛନ୍ । କାର୍ଯ୍ୟକ୍ରମ୍‌ଥି ଜିଲ୍ଲାପାଳ୍, ଉପଜିଲ୍ଲାପାଳ୍‌ଙ୍କର୍ ସହେତେ ଭିନ୍ ଭିନ୍ ବିଭାଗ୍‌ର ଅଧିକାରୀମାନେ ଉପସ୍ଥିତ୍ ଥିଲେ ।

କଳାହାଣ୍ଡି ଜିଲ୍ଲା ମା ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ ନ ଇ ଅଭିଯାନ୍ ହେଇଯାଇଛେ । କାର୍ଯ୍ୟକ୍ରମ୍‌ଥି ଛାତ୍ରଛାତ୍ରୀ, ଶିକ୍ଷକ୍, ଶିକ୍ଷୟିତ୍ରୀ ଆର୍ ଭିନ୍ ଭିନ୍ ବର୍ଗର୍ ବ୍ୟକ୍ତିବିଶେଷ୍‌ମାନେ ଓଡ଼ିଆ ବହି ଘିନିଛନ୍ । ଇ ଅଭିଯାନ୍ ଜରିଏ ଲେଖକ୍ ଆର୍ ପାଠକ୍

ଭିତ୍‌ରେ ଗୁଟେ ଭଲ୍ ସମ୍ପର୍କ ଥାପ୍‌ନା ହେଇପାର୍‌ବା ବଲି ବିଶ୍ୱବିଦ୍ୟାଲୟର୍ ଉପକୂଳସଚିବ କହିଛନ୍ ।

ଦେବ୍‌ଗଡ଼୍ ଜିଲ୍ଲା ନ ଭିଲ୍ ଓଡ଼ିଆ ପକ୍ଷ ପାଲନ୍ ଅବ୍‌ସରେ ଆସ ବହିଟେ ଘିନ୍‌ମା ଅଭିଯାନ୍ ହେଇଯାଇଛେ । କାର୍ଯ୍ୟକ୍ରମ୍‌ଥି ଅତିରିକ୍ତ ଜିଲ୍ଲାପାଲ୍ ଆଉ ଭିନ୍ ଭିନ୍ ବିଭାଗ୍‌ର ଅଧିକାରୀ, କର୍ମଚାରୀ, ଛାତ୍ରଛାତ୍ରୀ ଆଉ ସାଧାରଣ୍ ଲୁକେ ସାମିଲ୍ ହେଇକରି ବହି ଘିନିଛନ୍ ।

ନଗର ଉନ୍ନୟନ ମନ୍ତ୍ରୀ ସମୀକ୍ଷା ବୌଦ୍ଧ ସମ୍ବାଦଦାତା

ଗୃହ ଆଉ ନଗର ଉନ୍ନୟନ ମନ୍ତ୍ରୀ ଡକ୍ଟର୍ କୃଷ୍ଣଚନ୍ଦ୍ର ମହାପାତ୍ର ଆଏଜ୍ ବୌଦ୍ଧ ଜିଲ୍ଲାପାଳଙ୍କର କାର୍ଯ୍ୟାଳୟଠାନେ ଜିଲ୍ଲା ନ ଚାଲିଥିବା ନିଜର ବିଭାଗର ଭିନ୍ ଭିନ୍ କାମ୍‌ର ସମୀକ୍ଷା କରିଛନ୍ । ସହର୍ ଇଲାକା ନ ପିଇବାର ପାଏନ୍ ସମସ୍ୟା, ପରିମଳ ବ୍ୟବସ୍ଥାର୍ ସମୀକ୍ଷା କରି କରି ଯୋଜ୍‌ନାମାନକେ ଲାଭ୍ ତଲ୍ ସ୍ତର୍‌ତକ ଲୁକ୍‌କର ପାଖେ ପୁହୁଁଚାବାର୍ ଦିଗେ ଧ୍ୟାନ ଦେବାର୍‌କେ ମନ୍ତ୍ରୀ ଶ୍ରୀ ମହାପାତ୍ର ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ । ବୈଠକ୍‌ଥି ଜିଲ୍ଲାପାଲ୍ ସୁବ୍ରତ କୁମାର ପଣ୍ଡା, ଆର୍‌କ୍ଷୀ ଅଧିକ୍ଷକ ରାହୁଲ ଗୋୟଲଙ୍କ ସହେତେ ଅଧିକାରୀମାନେ ଉପସ୍ଥିତ୍ ଥିଲେ ।

ଆର୍‌ଡିସି- ଦେବ୍‌ଗଡ଼୍          ଦେବ୍‌ଗଡ଼୍ ସମ୍ବାଦଦାତା

ଉତରାଂଚଲ ରାଜସ୍ୱ କମିଶନର୍ ସଚିନ ରାମଚନ୍ଦ୍ର ଯାଦବ୍ ଆଏଜ୍ ଦେବ୍‌ଗଡ଼୍ ଜିଲ୍ଲାପାଲ୍ କାର୍ଯ୍ୟାଳୟ ଠାନେ ଜିଲ୍ଲା ନ ଚାଲିଥିବା ଲୋକାଭିମୁଖୀ ଯୋଜ୍‌ନାମାନ୍‌କର୍ ସମୀକ୍ଷା କରିଛନ୍ । ଯୋଜ୍‌ନା ମାନ୍‌କର୍ ସଫଲ୍‌ତାର୍ ଲାଗି ବିଭାଗୀୟ ଅଧିକାରୀମାନେ ଆନ୍ତରିକତାର୍ ସହେତେ କାମ୍ କର୍‌ବାର୍‌କେ ଶ୍ରୀ ଯାଦବ୍ ପରାମର୍ଶ ଦେଇଛନ୍ । ଇତାରସହେତେ ପୁର୍‌ନା ଜିଲ୍ଲାପାଲ୍ କାର୍ଯ୍ୟାଳୟ ସଂଗ୍ରହାଳୟ, ପ୍ରଧାନ୍‌ପାଟ୍, ବସନ୍ତ ନିବାସ୍ ବୁଲିକରି ସେନର୍ ବିକାଶ୍ ଲାଗି ଭିନ୍ ଭିନ୍ ପ୍ରସ୍ତାବ୍ ଦେଇଛନ୍ । ବୈଠକ୍‌ଥି ଜିଲ୍ଲାପାଲ୍ କବୀନ୍ଦ୍ର କୁମାର୍ ସାହୁ ଙ୍କର୍ ସହେତେ ସବୁ ବିଭାଗ୍‌ର ଅଧିକାରୀମାନେ ଯୋଗ୍ ଦେଇଥିଲେ ।

ପୁଲିସ୍ ଜନସମ୍ପର୍କ ଶିବିର       ବୌଦ୍ଧ ସମ୍ବାଦଦାତା

ବୌଦ୍ଧ ଜିଲ୍ଲା ମନମୁଣ୍ଡା ଶଗଡ଼ାଫାଣ୍ଡି ତେଣ୍ଡାପଦରଠାନେ ଆରକ୍ଷୀ ଅଧିକ୍ଷକ ରାହୁଲ ଗୋଏଲଙ୍କର ଦେଖ୍‌ରେଖଥି ପୁଲିସ୍‌ର ଜନସମ୍ପର୍କ ଶିବିର ହେଇଯାଇଛେ । ବେଆଇନ ଗଞ୍ଜେଇ କାରବାରଥି ସାମିଲ ନାଇଁ ରହିକରି ଗାଇ, ଛେଲ୍,

କୁକୁଡ଼ା, ହଂସ ଆଉ ମାଛ୍ ଚାଷ୍ କର୍‌ବାର ଲାଗି ଏସ୍‌ପି ଶ୍ରୀ ଗୋଏଲ୍ ଲୁକ୍‌କୁ ପରାମର୍ଶ ଦେଇଛନ୍ ।

ମୁଖ୍ୟମନ୍ତ୍ରୀ କପ୍ ଆନ୍ତଃ କ୍ଲବ୍ ଫୁଟ୍‌ବଲ୍ ଟୁର୍ଣ୍ଣାମେଂଟ

ନୂଆପଡ଼ା

ନୂଆପଡ଼ା ଜିଲ୍ଲା ସଦର୍ ପୁଲିସ୍ ପଡ଼ିଆଠାନେ ଜିଲ୍ଲା କ୍ରୀଡ଼ା ବିଭାଗ୍ ତର୍‌ଫୁ ୧୫ ବଛର୍‌ନୁ କମ୍ ବୟସର୍ - ମୁଖ୍ୟମନ୍ତ୍ରୀ କପ୍ ଆନ୍ତଃ କ୍ଲବ୍ ଫୁଟ୍‌ବଲ୍ ଟୁର୍ଣ୍ଣାମେଂଟ୍ ମୁଲ୍ ହେଇଛେ । ମାରାଗୁଡ଼ା ଫୁଟ୍‌ବଲ୍ କ୍ଲବ୍ ଆଉ ନୂଆପଡ଼ା ଫୁଟ୍‌ବଲ୍ କ୍ଲବ୍ ଭିତ୍‌ରେ ଖେଲାଯାଇଥିବା ପହେଲା ମେଚ୍ ୩ / ୩ ଗୋଲ୍‌ଥି ଡ୍ର ହେଇଥିଲା ।

ହକି ଆର୍‌ଏନ୍‌ୟୁ/ କଟକ୍

ଭୁବ୍‌ନେଶ୍ୱର୍ କଳିଙ୍ଗ ଷ୍ଟାଡ଼ିୟମ୍ ଠାନେ ଚାଲିଥିବା ୭୩ ନମ୍ବର୍ ସର୍ବଭାରତୀୟ ପୁଲିସ୍ ହକି ଚମ୍ପିଆନ୍‌ସିପ୍‌ର ୩ ନମ୍ବର୍ ଦିନେ ଆଏଜ୍ ୪ ଟା ମେଚ୍ ଖେଲାଯାଇଛେ । ପହେଲା ମେଚ୍ ଚଣ୍ଡିଗଡ଼୍ ଆର୍ ଉତରାଖଣ୍ଡ ପୁଲିସ୍ ଭିତ୍‌ରେ ଖେଲାଯାଇଥିଲା । ଯେନ୍‌ଥି ଉତରାଖଣ୍ଡ ପୁଲିସ୍ ଦଲ୍ ଜିତିଛେ । ଆଇଟିବିପି ଆଉ ରାଜସ୍ଥାନ୍ ପୁଲିସ୍ ଭିତ୍‌ରେ

ହେଇଥିବା ୨ ନମ୍ବର୍ ମେଚ୍‌ଥି ଆଇଟିବିପି ରାଜସ୍ଥାନ୍ ପୁଲିସ୍ ଦଲ୍‌କେ ୮/୩ ଗୋଲ୍‌ଥି ହରେଇଛେ । ମଣିପୁର୍-ଝାର୍‌ଖଣ୍ଡ ଭିତ୍‌ରେ ହେଇଥିବା ୩ ନମ୍ବର୍ ମେଚ୍‌ଥି ଝାର୍‌ଖଣ୍ଡ ପୁଲିସ୍ ଜିତିଛେ । ସେନ୍ତା ୪ ନମ୍ବର୍ ମେଚ୍‌ଥି ପଶ୍ଚିମବଙ୍ଗ୍-ଛତିଶ୍‌ଗଡ଼୍ ପୁଲିସ୍ ଦଲ୍‌କେ ୬/୩ ଗୋଲ୍‌ଥି ହରେଇଛେ ।

ପାଣିପାଗ ଆର୍‌ଏନ୍‌ୟୁ/ସମ୍ବଲପୁର

ବଙ୍ଗୋପସାଗର୍ ନ ହେଇଥିବା ଲଘୁଚାପ୍ କ୍ଷେତ୍ର ତୀବ୍ର ହେଇକରି ଉତର୍- ଉତର୍‌ପଶ୍ଚିମ ଦିଗେ ଗତି କର୍‌ବାର୍ ସମ୍ଭାବନା ରହିଛେ । ଇତାର୍ ପ୍ରଭାବ୍‌ଥି ରାଜ୍ୟର୍ ଭିନ୍ ଭିନ୍ ଇଲାକା ନ ଆଏବା ୨ ଦିନ୍‌ତକ୍ ଘଡ଼୍‌ଘଡ଼ି ସାଙ୍ଗେ ବର୍ଷା ହେବା ବଲି ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍‌ଫୁ ସୂଚ୍‌ନା ଦିଆଯାଇଛେ । ଦେବ୍‌ଗଡ଼୍, ସୁନ୍ଦର୍‌ଗଡ଼୍ ସହେତେ ରାଜ୍ୟର୍ ୧୯ ଟା ଜିଲ୍ଲା ନ ଘଡ଼୍‌ଘଡ଼ି ସହେତେ ବର୍ଷା ହେବା ବଲି ପାଣିପାଗ୍ କେନ୍ଦ୍ର ତର୍‌ଫୁ ସତର୍କ ସୂଚ୍‌ନା ଜାରି କରାଯାଇଛେ ।